# NATIONAL NEWS BULLETIN (ODIA)

## 30 April - 2025

### Morning Bulletin : 7.15 a.m.

*******************************************

## ମୁଖ୍ୟ ସମ୍ବାଦ

- ପହଲଗାମ ଆତଙ୍କବାଦୀ ଘଟଣା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ।
- ଦେଶର ପରବର୍ତ୍ତି ପ୍ରଧାନ ବିଚାରପତି ଭାବେ ଆସନ୍ତାମାସ ୧୪ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣ ଗଭାଇ ।
- ଅକ୍ଷୟ ତୃତୀୟା ଅବସରରେ ଚଳିତ ବର୍ଷର ଚାରିଧାମ ଯାତ୍ରା ଆଜିଠୁ ଆରମ୍ଭ ।
- ପଶ୍ଚିମବଙ୍ଗର ଏକ ହୋଟେଲ୍‌ରେ ଅଗ୍ନିକାଣ୍ଡ ଘଟଣାରେ ୧୪ ଜଣଙ୍କର ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ବିଜୟୀ ।

## ପିଏମ୍ - ମିଟିଂ

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅନୀଲ ଚୌହ୍ୱାନ ଏବଂ ତିନିସେନା ବାହିନୀର ମୁଖ୍ୟ ପ୍ରମୁଖ ଯୋଗଦେଇଥିଲେ । ପରେ ଆର୍.ଏସ୍.ଏସ୍. ମୁଖ୍ୟ ମୋହନ ଭାଗବତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଶ୍ରୀ ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ ।

## ଗଭାଇ-ସିଜେଆଇ ଆପଏଣ୍ଟମେଣ୍ଟ

ସୁପ୍ରିମ୍‌କୋର୍ଟ୍‌ର ଅନ୍ୟତମ ବିଚାରପତି ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣ ଗଭାଇ ଦେଶର ପରବର୍ତ୍ତି ପ୍ରଧାନ ବିଚାରପତି ହେବେ । ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଗଭାଇଙ୍କୁ ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି । ଆସନ୍ତା ମାସ ୧୪ ତାରିଖରେ ସେ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ଜଷ୍ଟିସ୍ ଗଭାଇ ଦେଶର ୫୨ତମ ପ୍ରଧାନ ବିଚାରପତି ହେବେ । ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ୍ ସଂଜୀବ ଖାନ୍ନାଙ୍କ କାର୍ଯ୍ୟକାଳ ଆସନ୍ତା ମାସ ୧୩ ତାରିଖରେ ଶେଷ ହେଉଛି ।

# ଅକ୍ଷୟ ତୃତୀୟା/ସିଏମ୍ କିଷାନ

ଆଜି ପବିତ୍ର ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟ ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ଭିନ୍ନ ଭିନ୍ନ ଶୁଭକାର୍ଯ୍ୟର ଆରମ୍ଭ କରାଯାଇଥାଏ । କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି ।

ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଓୟୁଏଟିରେ ରାଜ୍ୟସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୧ହଜାର କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ପ୍ରଦାନ କରିବେ ।

# ଚାର୍ ଧାମ୍ ଯାତ୍ରା

ଅକ୍ଷୟ ତୃତୀୟା ଅବସରରେ ଚଳିତ ବର୍ଷର ଚାରିଧାମ ଯାତ୍ରା ଆଜି ଠାରୁ ଆରମ୍ଭ ହେଉଛି । ଉତ୍ତର କାଶୀ ଜିଲ୍ଲାରେ ଅବସ୍ଥିତ ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ମନ୍ଦିର କବାଟ ଖୋଲିବା ସହିତ ଏହି ଯାତ୍ରା ଆରମ୍ଭ ହେବ। ରୁଦ୍ର ପ୍ରୟାଗ ଜିଲ୍ଲାର କେଦାରନାଥ ମନ୍ଦିର ଦ୍ୱାରା ମେ' ୨ ତାରିଖରେ ଏବଂ ଚାମୋଲ୍ଲୀ ଜିଲ୍ଲାର ବଦ୍ରିନାଥ ଧାମର କବାଟ ମେ' ୪ ତାରିଖରେ ଖୋଲିବ। ମୁକ୍ୱା ଗ୍ରାମଠାରେ ୬ ମାସ ଶୀତକାଳୀନ ବାସଭବନରେ ରହିବା ପରେ ଗତକାଲି ଗଙ୍ଗା ଦେବୀ ଗଙ୍ଗୋତ୍ରୀ ଧାମ ଉଦ୍ଦେଶ୍ୟରେ ଯାତ୍ରା

କରିଥିଲେ । ଭୈରବ ଘାଟି ସ୍ଥିତ ଭୈରବ ମନ୍ଦିର ଠାରେ ଗତ ରାତିରେ ଦେବୀଙ୍କ ବିମାନ ବିଶ୍ରାମ ପାଇଁ ଅଟକି ଥିଲା । ତୀର୍ଥ ପୁରୋହିତ ରାଜେଶ ସେମୱାଲ୍ କହିଛନ୍ତି, ଭୈରବ ଘାଟିରୁ ଗଙ୍ଗୋତ୍ରୀ ପର୍ଯ୍ୟନ୍ତ ଆଜି ଠାକୁରାଣୀଙ୍କ ବିମାନ ଶୋଭାଯାତ୍ରା ଚାଲିବ । ପାରମ୍ପରିକ ପୂଜାର୍ଚ୍ଚନା ଏବଂ ବୈଦିକ ରୀତିନୀତି ଅନୁଯାୟୀ ପୂର୍ବାହ୍ଣ ସାଢ଼େ ୧୦ଟାରୁ ମନ୍ଦିର ଦ୍ୱାର ଖୋଲାଯିବ ।

ଚାରିଧାମ ଯାତ୍ରା ଉଦ୍‌ଘାଟନକୁ ଆକାଶବାଣୀ ପକ୍ଷରୁ ସିଧା ପ୍ରସାରଣ କରାଯିବ। ଗଙ୍ଗୋତ୍ରୀ ଧାମ ଖୋଲିବାର ସିଧାପ୍ରସାରଣ ଆଜି ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରସାରିତ ହେବାକୁ ଥିବା ବେଳେ ଯମୁନେତ୍ରୀ ଧାମର ସିଧାପ୍ରସାରଣ ପୂର୍ବାହ୍ନ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପ୍ରସାରଣ କରାଯିବ। ସେହିଭଳି କେଦାରନାଥ ଧାମ ଖୋଲିବାର ସିଧାପ୍ରସାରଣ ମେ' ଦୁଇ ତାରିଖ ସକାଳ ୬ଟାରେ ଏବଂ ବଦ୍ରିନାଥ ଧାମ ଖୋଲିବାର ସିଧାପ୍ରସାରଣ ଆସନ୍ତା ୪ ତାରିଖ ସକାଳ  ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଚାଲିବ। ଆକାଶବାଣୀର ଇନ୍ଦ୍ରପ୍ରସ୍ଥ, ଏଫ୍‌ଏମ୍ ଗୋଲ୍ଡ ଏବଂ ଆରାଧନା ଚ୍ୟାନେଲ ସହିତ ନ୍ୟୁଜ୍ ଅନ୍ ଏ.ଆଇ.ଆର୍ ଆପ୍‌ରେ ଏହା ଉପଲବ୍ଧ ହେବ। ଆଜିଠାରୁ ମେ' ମାସ ୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟା ସାଢ଼େ ୭ଟାରୁ ୭ଟା ୪୫ ପର୍ଯ୍ୟନ୍ତ ଏହି ଯାତ୍ରା ସମ୍ବନ୍ଧୀୟ ରିପୋର୍ଟ ପ୍ରସାରଣ କରାଯିବ।

# ୟୁଏସ୍ ଇଣ୍ଡିଆ ଟ୍ରେଡ୍ ଡିଲ୍

ଭାରତ ଓ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଖୁବ୍ ନିକଟତର ହୋଇଛନ୍ତି ବୋଲି ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେନ୍ତ କହିଛନ୍ତି । ହ୍ୱାଇଟ୍ ହାଉସ୍ ଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଟ୍ରେଜେରି ସଚିବ ବେସେନ୍ତ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦ୍ୱିପକ୍ଷିୟ ମଧ୍ୟରେ ସକାରାତ୍ମକ ଆଲୋଚନା ଚାଲିଛି । ଅନ୍ୟ ପକ୍ଷରେ ଗତ ସୋମବାର ଦିନ ସି.ଏନ୍.ବି.ସି.କୁ ସାକ୍ଷାତକାର ଦେଇ ସେ କହିଥିଲେ, ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ହୋଇପାରେ ।

# ମନସୁଖ ମାଣ୍ଡବ୍ୟ

ଜାତୀୟ କ୍ୟାରିୟର୍ ସର୍ଭିସ୍ ପୋର୍ଟାଲ୍ ମାଧ୍ୟମରେ ନିଯୁକ୍ତି ସୁଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏବଂ ରାପିଡୋ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ଗତକାଲି ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣାପତ୍ରରେ ଆଗାମୀ ୨ ବର୍ଷ ମଧ୍ୟରେ ୫୦ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହି ଅବସରରେ କହିଛନ୍ତି, ଜାତୀୟ କ୍ୟାରିୟର୍ ସର୍ଭିସ୍ ପୋର୍ଟାଲ୍ ଦେଶରେ ନିଯୁକ୍ତି ଆଶାୟୀ ଏବଂ ନିଯୁକ୍ତି ଦାତାଙ୍କୁ ଏକାଠି କରିବାରେ ସହାୟକ ହୋଇଥାଏ । ୧ କୋଟି ୭୫ ଲକ୍ଷରୁ ଅଧିକ ନିଯୁକ୍ତି ଆଶାୟୀ ଏବଂ ୪୦ ଲକ୍ଷରୁ ଅଧିକ ପଞ୍ଜିକୃତ

ନିଯୁକ୍ତିଦାତା ଏହି ପୋର୍ଟାଲ୍ ମାଧ୍ୟମରେ ଏକାଠି ହେବାର ସୁଯୋଗ ସୃଷ୍ଟି ହୋଇଛି । ଏହି ପୋର୍ଟାଲ୍ ମାଧ୍ୟମରେ ଭିତ୍ତିଭୂମି କ୍ଷେତ୍ରରେ ମହିଳା ବର୍ଗଙ୍କ ଲାଗି ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

## କୋଲକାତା - ହୋଟେଲ୍ ଫାୟାର୍

ପଶ୍ଚିମବଙ୍ଗରେ ଏକ ହୋଟେଲ୍‌ରେ ଅଗ୍ନିକାଣ୍ଡ ଘଟଣା ଯୋଗୁଁ ୧୪ ଜଣଙ୍କର ମୃତ୍ୟୁ ହୋଇଛି । ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରୀୟ କୋଲକାତାର ଫାଲପାଟି ମଚ୍ଛୁଆ ଅଞ୍ଚଳରେ ଏକ ହୋଟେଲ୍‌ରେ ଗତ ରାତିରେ  ଏହି ଅଗ୍ନିକାଣ୍ଡ ଘଟିଥିଲା । ସେଠାରୁ ୧୪ଟି ମୃତ ଶରୀରକୁ ଉଦ୍ଧାର କରାଯାଇଛି । ବହୁ ଲୋକଙ୍କୁ ମଧ୍ୟ ସୁରକ୍ଷିତ ଉଦ୍ଧାର କରାଯାଇଥିବା ସେ ସୂଚନା ଦେଇଛନ୍ତି । ରାତି ୮ଟା ୧୫ରେ ହୋଟେଲ୍‌ରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ଏକ ସ୍ୱତନ୍ତ୍ର ଦଳ ତଦନ୍ତ କରୁଛନ୍ତି । କେନ୍ଦ୍ର ମନ୍ତ୍ରୀ ତଥା ପଶ୍ଚିମବଙ୍ଗ ବିଜେପି ରାଜ୍ୟ ଶାଖା ସଭାପତି ସୁକାନ୍ତ ମଜୁମଦାର ବିଭିନ୍ନ ଅନୁଷ୍ଠାନରେ ଅଗ୍ନି ସୁରକ୍ଷା ନେଇ ସମୀକ୍ଷା କରିବା ସହ ଭବିଷ୍ୟତରେ ଏଭଳି ଅଘଟଣକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ସାଉଦିଆରବ-ପାକିସ୍ତାନ

ଚଳିତ ବର୍ଷ ହଜ୍ ଯାତ୍ରା ଅନୁମତି ନିୟମ ଉଲ୍ଲଙ୍ଘନ କରୁଥିବା ପାକିସ୍ତାନୀ ନାଗରିକଙ୍କ ଠାରୁ କଠୋର ଜରିମାନା ଆଦାୟ କରାଯିବ ବୋଲି ସାଉଦି ଆରବର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଇସଲାମାବାଦକୁ ଚେତାବନୀ ଦିଆଯାଇଛି । ଏହି ଜରିମାନା ଆଦାୟ ନିୟମ ଆସନ୍ତା ଜୁନ୍ ମାସ ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ମନ୍ତ୍ରଣାଳୟ କହିଛି । ବିନା ଅନୁମତିରେ ହଜ୍ ଯାତ୍ରା କରୁଥିବା  ଶ୍ରଦ୍ଧାଳୁଙ୍କ ଠାରୁ ୨୦ ହଜାର ସାଉଦି ରିଆଲ ଜରିମାନା ଆଦାୟ କରାଯିବ । ମକ୍କା ପଥ ଦେଇ ଇସଲାମାବାଦରୁ ମଦିନା ପର୍ଯ୍ୟନ୍ତ ଗତକାଲି ପ୍ରଥମ ପର୍ଯ୍ୟାୟ ହଜ୍ ଯାତ୍ରୀ ପାକିସ୍ତାନରୁ ବିମାନ ଯୋଗେ ଯାତ୍ରା କରିଛନ୍ତି । ଏଥିରେ ୪୪୨ ଜଣ ଯାତ୍ରା କରିଥିବା ଜଣାପଡ଼ିଛି । ସାଉଦି ଆରବ ପକ୍ଷରୁ କୁହାଯାଇଛି, ପ୍ରତିବର୍ଷ ଭିକାରୀ, ବେଆଇନ୍ ପର୍ଯ୍ୟଟକ ଏବଂ ବିନା ଅନୁମତିରେ ହଜ୍ ଯାତ୍ରା କରୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି । ଅନ୍ୟ ପକ୍ଷରେ ଗତ ୩ ବର୍ଷ ମଧ୍ୟରେ ଅତି କମ୍‌ରେ ୪ ହଜାର ୭୦୦ ପାକିସ୍ତାନୀ ଭିକାରୀଙ୍କୁ ବ୍ରିଟେନ୍ ଦେଶାନ୍ତର ଆଦେଶ ପ୍ରଦାନ କରିଛି ।

## ଗତିଶକ୍ତି ମିଟିଂ

ସଡ଼କ ଓ ରେଳବାଇ କ୍ଷେତ୍ରରେ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା ସଂକ୍ରାନ୍ତ ଯୋଗାଯୋଗ ଯୋଜନା କମିଟିର ୯୨ତମ ବୈଠକ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ଯୋଜନା ଅନୁଯାୟୀ ବହୁପକ୍ଷିୟ ସଂଯୋଗ ସ୍ଥାପନ ଏବଂ ଭିତ୍ତିଭୂମି ବିକାଶରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହି ବୈଠକରେ ୪ଟି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ସେଥି ମଧ୍ୟରେ ସଡ଼କ ପରିବହନ, ରାଜପଥ ମନ୍ତ୍ରଣାଳୟ ଏବଂ ରେଳ ମନ୍ତ୍ରଣାଳୟର ପ୍ରକଳ୍ପ ଅନ୍ତର୍ଭୁକ୍ତ । ସମନ୍ୱିତ ବହୁମୁଖୀ ଭିତ୍ତିଭୂମି, ଯୋଗାଯୋଗ ଏବଂ ସାମଗ୍ରୀକ ବିକାଶ ଆଭିମୁଖ୍ୟ ନେଇ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ଆଧାରରେ ଏହି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇଛି । ଏହି ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ଯାତ୍ରା ସମୟ ହ୍ରାସ, ମାଲ ପରିବହନ ବୃଦ୍ଧି ଏବଂ ବିଭିନ୍ନ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ନେଇ ଆଶା କରାଯାଇଛି ।

## ଶାହା-ମଣିପୁର

ଗତବର୍ଷ କୁଆପଥର ବୃଷ୍ଟି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ମଣିପୁର ପାଇଁ କେନ୍ଦ୍ର ସରକାର ୧୫୩ କୋଟି ଟଙ୍କାର ଅତିରିକ୍ତ ସହାୟତା ମଞ୍ଜୁର କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସ୍ୱରାଷ୍ଟ୍ର

ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଅଧୀନରେ ୨୮ଟି ରାଜ୍ୟକୁ ୨୦ ହଜାର ୨୬୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଶି ପ୍ରଦାନ କରିଛନ୍ତି । ସେହିଭଳି ଜାତୀୟ ବିପର୍ଯ୍ୟୟ ପ୍ରସମନ ପାଣ୍ଠି ଅଧୀନରେ ୧୯ଟି ରାଜ୍ୟକୁ ୫ ହଜାର ୧୬୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଥିବା ମନ୍ତ୍ରଣାଳୟ କହିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ବିଜୟୀ ହୋଇଛି । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କୋଲକାତା ଦିଲ୍ଲୀ କ୍ୟାପିଟାଲ୍ସକୁ ୧୪ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଦିଲ୍ଲୀ କୋଲକାତାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ କୋଲକାତା ୯ ୱିକେଟ୍ ବିନିମୟରେ ୨୦୪ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଙ୍ଗକ୍ରିସ୍ ରଘୁବଂଶି ସର୍ବାଧିକ ୪୪ରନ୍ ସଂଗ୍ରହ କରିଥିଲେ । ୨୦୫ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟ୍ ବିନିମୟରେ ୧୯୦ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଫ୍ଲାପ୍ ଡୁପ୍ଲେସିସ୍ ସର୍ବାଧିକ ୬୨ରନ୍ ଏବଂ ଅଧିନାୟକ ଅକ୍ଷର ପଟେଲ୍ ୪୩ରନ୍ ସଂଗ୍ରହ କରିଥିଲେ । କୋଲକାତା ନାଇଟ୍ ରାଇଡର୍ସ୍

ପକ୍ଷରୁ ସୁନୀଲ ନାରିନି ୩ ଓ୍ୱିକେଟ୍ ଏବଂ ବରୁଣ ଚକ୍ରବର୍ତ୍ତୀ ୨ଟି ଓ୍ୱିକେଟ୍ ହାସଲ କରିଥିଲେ । ସୁନୀଲ ନାରିନିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଆଜି ଚେନ୍ନାଇ ସୁପର କିଙ୍ଗସ୍ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।